# NATIONAL NEWS BULLETIN (ODIA)

## 14 May - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଉଛି ବ୍ରିକ୍ସ ବୈଦେଶିକ ବ୍ୟାପାର ମନ୍ତ୍ରୀମାନଙ୍କର ଦୁଇଦିନିଆ ବୈଠକ ।
- ପଞ୍ଚଦେଶୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ୟୁଏଇରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ ।
- ସିବିଆଇ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଆଉ ୧ ବର୍ଷ ବୃଦ୍ଧି କଲେ ସରକାର ।
- ଉତ୍ତରପ୍ରଦେଶରେ ଝଡ଼ବର୍ଷା ଯୋଗୁଁ ୪୩ଜଣଙ୍କର ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୬ ୱିକେଟ୍‌ରେ ପରାସ୍ତ କଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ।

# ବ୍ରିକ୍ସ ଫରେନ ମିନିଷ୍ଟର ମିଟିଂ

ବ୍ରିକ୍ସ ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନଙ୍କର ବୈଠକ ଆଜି ନୂଆଦିଲ୍ଲୀରେ ଆରମ୍ଭ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏହି ଦୁଇଦିନିଆ ବୈଠକରେ ଅଧ୍ୟକ୍ଷତା କରିବେ । ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏବଂ ବିଭିନ୍ନ ଭାଗିଦାରୀ ଦେଶର ପ୍ରତିନିଧି ମଣ୍ଡଳୀର ମୁଖ୍ୟମାନେ ଏହି ବୈଠକରେ ଅଂଶଗ୍ରହଣ କରିବେ । ଭାରତ ଗସ୍ତରେ ଆସିଥିବା ଏହି ଅତିଥିମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ବୈଠକ ଅବସରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀମାନେ ଆପୋଷ ସ୍ୱାର୍ଥଜନିତ ବିଭିନ୍ନ ବୈଶ୍ୱିକ ଏବଂ ଆଞ୍ଚଳିକ ସମସ୍ୟା ଉପରେ ମତ ବିନିମୟ କରିବେ। ବୈଠକର ଦ୍ୱିତୀୟ ଦିନରେ **'Brics@20** - ନମନୀୟତା, ନବସୃଜନ, ସହଯୋଗ ଏବଂ ନିରନ୍ତରତା ଲାଗି ଗଠନ ପ୍ରକ୍ରିୟା' ଶୀର୍ଷକ ଆଲୋଚନାରେ ଏହି ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏବଂ ସହଯୋଗୀ ରାଷ୍ଟ୍ର ଗୁଡ଼ିକର ପ୍ରତିନିଧିମଣ୍ଡଳୀ ମୁଖ୍ୟମାନେ ଅଂଶଗ୍ରହଣ କରିବେ । ପରେ ପରେ ଅନ୍ୟଏକ

ଅଧିବେଶନରେ ଏହି ଅତିଥିମାନେ ବିଶ୍ୱ ସୁଶାସନ ଏବଂ ବହୁବିଧ ବ୍ୟବସ୍ଥାର ସଂସ୍କାର ସମ୍ପର୍କିତ ଅନ୍ୟଏକ ଅଧିବେଶନରେ ଯୋଗଦେଇ ନିଜନିଜର ସୁ-ଚିନ୍ତିତ ମତାମତ ବ୍ୟକ୍ତ କରିବେ । ମିଳିତ ଜାତିସଂଘର ସାଧାରଣ ଅଧିବେଶନର ୮୦ତମ ବୈଠକ ଅବସରରେ  ଗତବର୍ଷ ସେପ୍ଟେମ୍ବର ୨୬ ତାରିଖ ଦିନ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀମାନଙ୍କର ଶେଷ ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ଭାରତ ବ୍ରିକ୍ସର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବାକୁ ଥିବା ଦୃଷ୍ଟିରୁ ଏହି ବୈଠକରେ ମଧ୍ୟ ଅଧ୍ୟକ୍ଷତା କରିଥିଲା ।

## ପିଏମ୍-ୟୁଏଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ପଞ୍ଚଦେଶୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ଆସନ୍ତାକାଲି ସଂଯୁକ୍ତ ଆରବ ଏମିରେଟ୍ସ-ୟୁଏଇ ଗସ୍ତ କରିବେ । ଏ ସମ୍ପର୍କରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପଶ୍ଚିମପ୍ରାନ୍ତ ସଚିବ ସି.ବି. ଜର୍ଜ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ୟୁଏଇର ରାଷ୍ଟ୍ରପତି ସେଖ୍ ମହମ୍ମଦ ବିନ୍ ଜାଏଦ୍ ଆଲ୍ ନାହ୍ୟାନଙ୍କ ସହିତ ସାକ୍ଷାତ୍ ଆଲୋଚନା କରିବେ । ଭାରତ ଓ ୟୁଏଇ ମଧ୍ୟରେ ଶକ୍ତି କ୍ଷେତ୍ରରେ ସହଯୋଗ ସମେତ

ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗ ଏବଂ ଆପୋଷ ସ୍ୱାର୍ଥଜନିତ ଆଞ୍ଚଳିକ ଓ ଆନ୍ତର୍ଜାତିକ ସମସ୍ୟା ସମ୍ପର୍କରେ ଉଭୟ ନେତା ମତ ବିନିମୟ କରିବେ। ଦୁଇଦେଶ ମଧ୍ୟରେ ଥିବା ସମନ୍ୱିତ ରଣନୈତିକ ଭାଗିଦାରୀକୁ ଆଗେଇନେବା ଦିଗରେ ଉଭୟ ନେତା ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ଜର୍ଜ କହିଛନ୍ତି ।

ଗତ ୫ ମାସ ମଧ୍ୟରେ  ଶ୍ରୀ ମୋଦୀ ଏବଂ ଶ୍ରୀ ଆଲ୍ ନାହ୍ୟାନଙ୍କ ମଧ୍ୟରେ ଏହା ହେବ ଦ୍ୱିତୀୟ ଦ୍ୱିପକ୍ଷୀୟ ବୈଠକ । ଗତ ଜାନୁଆରୀ ମାସରେ ୟୁଏଇ ରାଷ୍ଟ୍ରପତିଙ୍କର ନୂଆଦିଲ୍ଲୀ ଗସ୍ତ ସମୟରେ ଉଭୟ ନେତା ବୈଷୟିକ ଜ୍ଞାନକୌଶଳ, କୃତ୍ରିମ ବୁଦ୍ଧିମତା, ଅର୍ଥନୀତି ଏବଂ ଖାଦ୍ୟସୁରକ୍ଷା ଆଦି ପ୍ରସଙ୍ଗରେ ଦ୍ୱିପକ୍ଷୀୟ ବୈଠକରେ ମିଳିତ ହୋଇଥିଲେ ।

ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସେହିଦିନ ନେଦରଲାଣ୍ଡ୍ସରେ ଗସ୍ତ କରିବେ । ସେଠାରେ ରାଜା ଓ୍ୱିଲେମ୍ ଆଲେକଜାଣ୍ଡର ଏବଂ ରାଣୀ ମାକ୍ସିମାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ରବ୍ ଜେଟେନ୍ଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି।

ତୃତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ରବିବାର ଦିନ ସ୍ୱିଡେନ୍ର ଗୋଥେନ୍ବର୍ଗ ଗସ୍ତ କରିବେ। ତାଙ୍କର ସ୍ୱିଡେନ୍ ପ୍ରତିପକ୍ଷ ଉଲଫ୍ କ୍ରିଷ୍ଟରସନ୍ଙ୍କ ସହ ଆଲୋଚନା କରି ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗଗୁଡ଼ିକର ସେ ସମୀକ୍ଷା କରିବେ। ଦୁଇ ପ୍ରଧାନମନ୍ତ୍ରୀ

ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ ଡେର୍ ଲେଏନ୍ସଙ୍କ ସହ ଏକ ଶିଳ୍ପ ସଂକ୍ରାନ୍ତ ୟୁରୋପୀୟ ଗୋଲଟେବୁଲ ବୈଠକକୁ ସମ୍ବୋଧିତ କରିବେ ।

ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ସୋମବାର ଦିନ ତୃତୀୟ ଭାରତ–ନୋର୍ଡିକ୍ ଶିଖର ସମ୍ମିଳନୀ ଏବଂ ଦ୍ୱିପାକ୍ଷିକ ଆଲୋଚନା ପାଇଁ ନରୱେରେ ପହଁଞ୍ଚିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଦିନ ଇଟାଲୀ ଗସ୍ତ କରିବେ । ଗସ୍ତ ଅବସରରେ ଶ୍ରୀ ମୋଦୀ ଇଟାଲୀର ରାଷ୍ଟ୍ରପତି ସର୍ଗିଓ ମାଟାରେଲାଙ୍କୁ ଭେଟିବା ସହ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଶ୍ରୀ ଜର୍ଜ୍ କହିଛନ୍ତି ।

## ଜୟଶଙ୍କର-ରୁଷିଆ ଏଫ୍ଏମ୍

ବିଜ୍ଞାନ ଏବଂ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଓ ରୁଷ୍ ସହଯୋଗକୁ ଅଧିକ ସଂପ୍ରସାରିତ କରିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ବ୍ରିକ୍ସ ବୈଦେଶିକ ମନ୍ତ୍ରୀ ବୈଠକରେ ରୁଷ୍ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭ୍‌ରୋଭଙ୍କ ନେତୃତ୍ୱରେ ଆସିଥିବା  ପ୍ରତିନିଧି ମଣ୍ଡଳୀକୁ ସ୍ୱାଗତ କରିବା ଅବସରରେ ସେ ଏହା

କହିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଏକ ଅନିଶ୍ଚିତ ଏବଂ ଅସ୍ଥିର ବୈଶ୍ୱିକ ପରିବେଶ ମଧ୍ୟରେ ଦକ୍ଷତା ଓ ବିକାଶର ଗତିଶୀଳତା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଉଭୟ ଦେଶ ଗତ କିଛିବର୍ଷ ମଧ୍ୟରେ ଦ୍ୱିପକ୍ଷୀୟ ଭାଗିଦାରୀ ସମେତ ଅର୍ଥନୈତିକ ଏବଂ ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଥିବା ସମ୍ପର୍କରେ ଅବଗତ ଅଛନ୍ତି । ସାମ୍ପ୍ରତିକ ବୈଶ୍ୱିକ ପରିସ୍ଥିତି ଏବଂ ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଲାଗି ବାର୍ଷିକ ବ୍ରିକ୍ସ ସମ୍ମିଳନୀ ଏକ ଉପଯୁକ୍ତ ମଞ୍ଚ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ବୈଠକରେ ସମ୍ପୃକ୍ତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା ଲାଗି ସେ ଆଗ୍ରହୀ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ସିବିଆଇ ଡାଇରେକ୍ଟର ଏକ୍ସଟେନସନ

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇର ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କର କାର୍ଯ୍ୟକାଳକୁ ସରକାର ୧ ବର୍ଷ ବୃଦ୍ଧି କରିଛନ୍ତି । କାର୍ମିକ ଏବଂ ତାଲିମ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ସରକାରୀ

ନିର୍ଦ୍ଦେଶାନାମାରେ କୁହାଯାଇଛି କ୍ୟାବିନେଟ୍‌ର ନିଯୁକ୍ତି କମିଟି ଶ୍ରୀ ସୁଦ୍‌ଙ୍କର କାର୍ଯ୍ୟକାଳ ବୃଦ୍ଧି ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛି । ଚଳିତମାସ ୨୪ ତାରିଖରେ ଶ୍ରୀ ସୁଦ୍‌ଙ୍କର କାର୍ଯ୍ୟକାଳ ଶେଷ ହେଉଥିଲା ।

## ପୀୟୁଷ ଗୋଏଲ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଗତକାଲି ନୂଆଦିଲ୍ଲୀଠାରେ ମାଲଦ୍ୱୀପ୍‌ସର ବୈଦେଶିକ ମନ୍ତ୍ରୀ ଇରୁଥିସାମ ଆଦାମଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋଏଲ କହିଛନ୍ତି ଦୁଇଦେଶ ମଧ୍ୟରେ ୬୦ବର୍ଷର କୂଟନୈତିକ ସମ୍ପର୍କ ପୂର୍ତ୍ତି ଅବସରରେ ଭାରତ ଓ ମାଲଦ୍ୱୀପ୍‌ସ ମଧ୍ୟରେ ଥିବା ସ୍ୱତନ୍ତ୍ର ଭାଗିଦାରୀକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟପକ୍ଷ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ବିଶେଷକରି ଭାରତ-ମାଲଦ୍ୱୀପ୍‌ସ ମୁକ୍ତ ବାଣିଜ୍ୟ ରାଜିନାମା, ଦ୍ୱିପକ୍ଷୀୟ ପୁଞ୍ଜିନିବେଶ ରାଜିନାମା, ସ୍ଥାନୀୟ ମୁଦ୍ରା ମାଧ୍ୟମରେ ବାଣିଜ୍ୟିକ କାରବାରକୁ ପ୍ରୋତ୍ସାହନ ଦେବା ସମେତ ପର୍ଯ୍ୟଟନ, ଡିଜିଟାଲ ନେଣଦେଣ ଏବଂ ବ୍ୟାବସାୟିକ

ସଂଯୋଗ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବା ଉପରେ ଉଭୟ ନେତା ଗୁରୁତ୍ୱ ଦେଇଛନ୍ତି ବୋଲି ଶ୍ରୀ ଗୋଏଲ ସୂଚନା ଦେଇଛନ୍ତି ।

## ଟ୍ରମ୍ପ ଚାଇନା ଭିଜିଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ଚୀନ୍ ପ୍ରତିପକ୍ଷ ସି. ଜିନ୍‌ପିଙ୍ଗ୍‌ଙ୍କ ସହିତ ଦୁଇଦିନିଆ ସମ୍ମିଳନୀରେ ଯୋଗଦେବା ଲାଗି ଗତକାଲି ସଂଧ୍ୟାରେ ବେଜିଂରେ ପହଞ୍ଚିଛନ୍ତି । ଇରାନ୍ ଯୁଦ୍ଧ, ବିଶ୍ୱରେ ଦେଖାଦେଇଥିବା ଶକ୍ତି ସଂକଟ, ବାଣିଜ୍ୟ ସମ୍ପର୍କିତ ସମସ୍ୟା ଓ ତାଇଓ୍ୱାନ ସମେତ  କୃତ୍ରିମ ବୁଦ୍ଧିମତା ଆଦି ପ୍ରସଙ୍ଗ ଏହି ସମ୍ମିଳନୀରେ ସ୍ଥାନ ପାଇବାର ଆଶା ରହିଛି । ଏହି ସମ୍ମିଳନୀ ବର୍ତ୍ତମାନର ବୈଶ୍ୱିକ ଭୂ-ରାଜନୈତିକ ସ୍ଥିତିରେ ଅନେକ ଗୁରୁତ୍ୱ ବହନକରେ । ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ଆମେରିକାର ସ୍ୱରାଷ୍ଟ୍ରସଚିବ ମାର୍କୋ ରୁବିଓ, ପ୍ରତିରକ୍ଷା ସଚିବ ପିଟେ ହେକ୍ସେଟ୍‌ଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ଏକ ପ୍ରତିନିଧି ଦଳ ମଧ୍ୟ ଚୀନ୍ ଯାଇଛନ୍ତି । ୨୦୧୭ ମସିହା ପରଠାରୁ ଏବଂ ଦ୍ୱିତୀୟଥର ଲାଗି

ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ଏହା ହେଉଛି ଟ୍ରମ୍ପଙ୍କର ପ୍ରଥମ ସରକାରୀ ଚୀନ୍ ଗସ୍ତ ।

## ୟୁପି ରେନ୍ ଡେଥ୍ସ

ଉତ୍ତରପ୍ରଦେଶରେ ଗତ ୨୪ଘଣ୍ଟା ମଧ୍ୟରେ ଝଡ଼ ବର୍ଷା ଏବଂ ବିଜୁଳି ଯୋଗୁଁ ୪୩ଜଣଙ୍କର ମୃତ୍ୟୁ ହୋଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାରେ ଦୁଃଖପ୍ରକାଶ କରିବା ସହିତ ପ୍ରଭାବିତ ବ୍ୟକ୍ତିମାନଙ୍କୁ ସମସ୍ତପ୍ରକାର ସାହାଯ୍ୟ ସହାୟତା ଯୋଗାଇ ଦେବାଲାଗି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ଏହି ସମୟ ମଧ୍ୟରେ ଭାଦୋଇ ଜିଲ୍ଲାରେ ସର୍ବାଧିକ ୧୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ମୀର୍ଜାପୁରରେ ୧୦, ଫତେପୁରରେ ୯, ବଦାୟୁଁରେ ୫ ଏବଂ ବରେଲି ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ଲୋକଙ୍କ ଉପରେ କାନ୍ଥ ଭୁଶୁଡିପଡିବା, ଗଛ ପଡିଯିବା ତଥା ବିଜୁଳି ଯୋଗୁଁ ସର୍ବାଧିକ ମୃତ୍ୟୁ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ’ କୋଲକାତା ନାଇଟ୍ ରାଇଡର୍ସଙ୍କୁ ୬ ଉ୍ୱିକେଟ୍‌ରେ ପରାସ୍ତ କରିଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । କୋଲକାତା ନାଇଟ୍ ରାଇଡର୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉ୍ୱିକେଟ୍ ହରାଇ ୧୯୨ ରନ୍ କରିଥିଲା । ଦଳପକ୍ଷରୁ ଆଙ୍ଗକ୍ରିସ୍ ରଘୁବଂଶୀ ସର୍ବାଧିକ ୭୧ ରନ୍ କରିଥିବାବେଳେ ରିଙ୍କୁ ସିଂହ ୪୯ରନ୍‌ରେ ଅପରାଜିତ ରହିଛନ୍ତି ।

୧୯୩ରନ୍‌ର ବିଜୟଲକ୍ଷ୍ୟ ପିଛାକରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୯ଓଭର ଓ ଗୋଟିଏ ବଲ୍‌ରେ ୪ଟି ଉ୍ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳପକ୍ଷରୁ ବିରାଟ କୋହଲି ୬୦ଟି ବଲ୍‌ରୁ ୧୧ଟି ଚୌକା ଓ ୩ଟି ଛକା ସହିତ ୧୦୫ରନ୍ କରିଥିଲେ । ଏହା ହେଉଛି ତାଙ୍କର ନବମ ଆଇପିଏଲ୍ ଶତକ, ଯାହାକି ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ସର୍ବାଧିକ ବୋଲି ଜଣାଯାଇଛି । ଏଥିସହିତ ଚଳିତ ଆଇପିଏଲ୍ ସଂସ୍କରଣରେ କୋହଲି ୪୦୦ ରନ୍ ଅତିକ୍ରମ କରିଛନ୍ତି । ଏଥିସହିତ କୋହଲି ପ୍ରଥମ ଭାରତୀୟ ଭାବେ ଟି-୨୦ ଟୁର୍ଣ୍ଣାମେଣ୍ଟରେ ୧୪ହଜାର ରନ୍ ସମ୍ପୂର୍ଣ୍ଣ କରିଛନ୍ତି । ଏହି ମାଇଲ୍‌ଖୁଣ୍ଟ ସ୍ପର୍ଶ

କରି ସେ କ୍ରିସ୍ ଗେଲ୍ଙ୍କ ରେକର୍ଡ ଭଙ୍ଗ କରିବା ସହ ଗତକାଲିର ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଏହି ବିଜୟ ସହିତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬ ପଏଣ୍ଟ ପାଇ ପଏଣ୍ଟ ତାଲିକାର ସର୍ବୋଚ୍ଚ ସ୍ଥାନରେ ସ୍ଥାନିତ ହୋଇଛି । ଆଜି ପଞ୍ଜାବ କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଧର୍ମଶାଳାସ୍ଥିତ ହିମାଚଳ ପ୍ରଦେଶ କ୍ରିକେଟ୍ ଆସୋସିଏସନ ଷ୍ଟାଡିୟମଠାରେ ମ୍ୟାଚ୍ ଖେଳାଯିବ ।